**Roll No:** 2 2 1 8

**Booklet Sl No:** 9310

| | | |
|---|---|---|
| Time:90 Minutes<br>Full Mark:100<br>No. of items:100<br>No. of Pages:28<br>(including rough work) | **SSS – 2017-18**<br>**PAPER - II**<br>**SET-C** | ସମୟ: ୯୦ ମିନିଟ<br>ପୂର୍ଣ୍ଣ ସଂଖ୍ୟା: 100<br>ପ୍ରଶ୍ନ ସଂଖ୍ୟା: 100<br>ପୃଷ୍ଠା ସଂଖ୍ୟା: 28 |

## INSTRUCTIONS TO CANDIDATES

Read the following instructions carefully before you open the question booklet

1. A separate OMR Answer Sheet is supplied for writing the answers. Writedown your application from no. & 11 digit roll number on it as per your Admission Card and darken the appropriate circles on the answer sheet..
2. **Check that set code (A,B,C or D ) is printed on the booklet and indicate your set code by blackening the appropriate circle in the OMR answer sheet.**
3. Do not write anything in thisBooklet except the Roll No. However you can use the blank pages provided for the rough work at the end of this booklet.
4. Start answering when you are told to do so. Do not turn the pages before that.
5. Answer all the questions.Each question has four probable answers of which one is correct. You have to choose the correct one and blacken your choice in the OMR answer sheet by a black/blue ball point pen. Use of pencil is not allowed. If your choice is second response then answer like this.

   Ⓐ ● Ⓑ Ⓓ

6. For wrong answer, there is no deduction of marks. One mark shall be awarded for each correct response.
7. **No. Mark will be awarded for a question if a candidate darkens more than one choice.**
8. Return the Answer Sheet only to the Invigilator as soon as the final bell rings. Ask for another Booklet if it is defective, before you start answering.
9. English version of the question paper will be considered as final if any dispute arises in the translated version.

## ପରୀକ୍ଷାର୍ଥୀଙ୍କ ପାଇଁ ନିର୍ଦ୍ଦେଶାବଳୀ

ପ୍ରଶ୍ନ ପୁସ୍ତିକା ଖୋଲିବା ପୂର୍ବରୁ ନିର୍ଦ୍ଦେଶାବଳୀ ଗୁଡ଼ିକୁ ଧ୍ୟାନପୂର୍ବକ ପଢ଼ ।

୧. ଉତ୍ତର ଲେଖିବା ପାଇଁ ଖଣ୍ଡିଏ ଅଲଗା OMR ଉତ୍ତର କାଗଜ ଦିଆଯାଇଛି । ସେଥିରେ ତୁମର ଆଡ୍‌ମିଶନ୍ କାର୍ଡରେ ଲେଖାଥିବା ଦରଖାସ୍ତ ଫର୍ମ ନମ୍ବର ଏବଂ ଏଗାର ଅଙ୍କ ବିଶିଷ୍ଟ ରୋଲ ନଂ ଲେଖି ଏବଂ ଉତ୍ତର ଫର୍ଦ୍ଦ ର ଉପଯୁକ୍ତ ଗୋଲେଇକୁ କଳା କର ।

୨. ତୁମ ପ୍ରଶ୍ନ ପୁସ୍ତିକାରେ ସେଟ୍ କୋଡ୍ (**A,B,C** କିମ୍ବା **D** )ଲେଖା ଅଛି କି ନାହିଁ ଯାଞ୍ଚ କରିନିଅ ଏବଂ ତୁମର ସେଟ୍ କୋଡ୍‌ଟିକୁ ଚିହ୍ନିତ କରିବା ପାଇଁ **OMR** ଉତ୍ତର ଫର୍ଦ୍ଦରେ ଉପଯୁକ୍ତ ଗୋଲେଇଟିକୁ କଳା କର ।

୩. ରୋଲ ନମ୍ବର ବ୍ୟତୀତ ଅନ୍ୟ କିଛି ଏହି ପୁସ୍ତିକାରେ ଲେଖ ନାହିଁ । କିନ୍ତୁ ରଫ୍ କାମ ପାଇଁ ଉଦ୍ଦିଷ୍ଟ କାଗଜରେ ରଫ୍ କାମ କରିପାର ।

୪. ଯେତେବେଳେ କୁହାଯିବ ଉତ୍ତର ଦେବାକୁ ଆରମ୍ଭ କର । ତା ପୂର୍ବରୁ ପୃଷ୍ଠା ଗୁଡ଼ିକ ଓଲଟାଓ ନାହିଁ ।

୫. ସମସ୍ତ ପ୍ରଶ୍ନର ଉତ୍ତର ଦିଅ । ପ୍ରତ୍ୟେକ ପ୍ରଶ୍ନର ଚାରୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି ସେଥିରୁ ହେଉଛି ଗୋଟିଏ ଠିକ୍ ଉତ୍ତର । ଠିକ୍ ଉତ୍ତରଟି ବାଛି ଉତ୍ତର କାଗଜରେ ଥିବା ଗୋଲେଇଟିକୁ କଳା କର । ଏଥିପାଇଁ ବ୍ଲୁ କିମ୍ବା ବ୍ଲାକ ବଲପଏଣ୍ଟ ପେନ୍ ବ୍ୟବହାର କରିପାର । ପେନ୍‌ସିଲ୍ ବ୍ୟବହାର କରିପାରିବ ନାହିଁ । ଯଦି ତୁମେ ଦୁଇ ନମ୍ବର ଗୋଲେଇ ନିଜର ଉତ୍ତର ଗୋଲେଇ ବାଛ ତାହା ହେଲେ ଏପରି କରିବ ।

   Ⓐ ● Ⓑ Ⓓ

୬. ପ୍ରତ୍ୟେକ ଠିକ୍ ଉତ୍ତର ପାଇଁ ଏକ ନମ୍ବର ଦିଆଯିବ । ଭୁଲ ଉତ୍ତର ପାଇଁ ନମ୍ବର କଟାଯିବ ନାହିଁ ।

୭. ଗୋଟିଏ ପ୍ରଶ୍ନ ପାଇଁ ଯଦି ଗୋଟିଏରୁ ଅଧିକ ଗୋଲେଇ କଳା କର ତାହାହେଲେ କୌଣସି ନମ୍ବର ଦିଆଯିବ ନାହିଁ ।

୮. ଶେଷ ଘଣ୍ଟି ବାଜିବା କ୍ଷଣି କେବଳ OMR ଉତ୍ତର କାଗଜ ନିରୀକ୍ଷକଙ୍କୁ ଦିଅ ।

୯. ଓଡ଼ିଆ ଅନୁବାଦରେ କୌଣସି ତ୍ରୁଟିଥିଲେ ଇଂରାଜୀ ଭାଷାର ବିବରଣୀକୁ ନିର୍ଣ୍ଣାୟକ ବୋଲି ଧରାଯିବ ।

Ask for another booklet if it is defective, before you start answering.

ତ୍ରୁଟିଯୁକ୍ତ ପୁସ୍ତିକା ପାଇଥିଲେ ଉତ୍ତର ଦେବା ପୂର୍ବରୁ ବଦଳାଇ ଦିଅ ।

1. If $\cos\theta + \sqrt{3}\sin\theta = \sqrt{2}$ and $0^0 < \theta < 180^0$, then what is $\theta$ equal to ?

A. $15^0$ or $105^0$

B. $35^0$ or $115^0$

C. $25^0$ or $110^0$

D. $40^0$ or $125^0$

2. If $f(x) = \sin x + \cos x$, then what is maximum value of $f(x)$ ?

A. 1

B. $\sqrt{2}$

C. $\sqrt{3}$

D. 2

3. How much is the mean of the measures of all the interior angles of a pentagon?

A. $95^0$

B. $98^0$

C. $108^0$

D. $120^0$

4. If A (-1, 1) and B (3, -1) are the end points of one side $\overline{AB}$ of square ABCD, then how many units will be the length of one of its diagonals?

A. 10

B. $\sqrt{10}$

C. 40

D. $\sqrt{40}$

5. What is the ratio in which the x - axis divides the line segment joining the points (3, -4) and (2, 6) internally?

A. 2:3

B. 3:2

C. 4:3

D. 3:4

1. ଯଦି $\cos\theta + \sqrt{3}\sin\theta = \sqrt{2}$ ଏବଂ $0^0 < \theta < 180^0$ ହେଲେ, $\theta$ ର ମାନ କେତେ ?

A. $15^0$ ବା $105^0$

B. $35^0$ ବା $115^0$

C. $25^0$ ବା $110^0$

D. $40^0$ ବା $125^0$

2. ଯଦି $f(x) = \sin x + \cos x$ ହେଲେ, $f(x)$ ର ସର୍ବାଧିକ ମୂଲ୍ୟ କେତେ ?

A. 1

B. $\sqrt{2}$

C. $\sqrt{3}$

D. 2

3. ଏକ ପଞ୍ଚଭୁଜର ସମସ୍ତ ଅନ୍ତଃସ୍ଥ କୋଣମାନଙ୍କ ପରିମାଣର ମାଧ୍ୟମାନ କେତେ ?

A. $95^0$

B. $98^0$

C. $108^0$

D. $120^0$

4. ଯଦି A (-1, 1) ଓ B (3, -1) ଗୋଟିଏ ବର୍ଗଚିତ୍ର ABCD ର ବାହୁ $\overline{AB}$ ର ପ୍ରାନ୍ତବିନ୍ଦୁ ହୁଅନ୍ତି, ତେବେ ଏହାର ଗୋଟିଏ କର୍ଣ୍ଣର ଦୈର୍ଘ୍ୟ କେତେ ଏକକ ହେବ ?

A. 10

B. $\sqrt{10}$

C. 40

D. $\sqrt{40}$

5. (3, -4) ଓ (2, 6) ବିନ୍ଦୁ ଦ୍ୱୟର ସଂଯୋଜକ ରେଖାଖଣ୍ଡକୁ x - ଅକ୍ଷ କେଉଁ ଅନୁପାତରେ ଅନ୍ତର୍ବିଭାଜନ କରେ ?

A. 2:3

B. 3:2

C. 4:3

D. 3:4

6. The ratio of the height of a pillar and its shadow cast on the ground during a day is $1:\sqrt{3}$. What is the elevation of the sun at that time?

A. $15^0$

B. $30^0$

C. $45^0$

D. $60^0$

7. If the product of five consecutive integers is equal to one of them, then which greatest possible integer is likely to be contained in them?

A. 1

B. 4

C. 6

D. 10

8. If $2^{x+3}=32$, then what is the value of $3^{6-x}$?

A. 7

B. 9

C. 27

D. 81

9. How many integers occur between 10 and 200 which are exactly divisible by 7?

A. 27

B. 25

C. 23

D. 21

10. If $\alpha$ and $\beta$ are the roots of the equation $2x^2-7x-3=0$, then what is the value of $(\alpha+3)(\beta+3)$?

A. 10

B. 12

C. 15

D. 18

6. ଗୋଟିଏ ଦିନର ଏକ ନିର୍ଦ୍ଦିଷ୍ଟ ସମୟରେ ଗୋଟିଏ ସ୍ତମ୍ଭର ଉଚ୍ଚତା ଓ ଭୂମି ଉପରେ ତାହାର ଛାଇର ଦୈର୍ଘ୍ୟର ଅନୁପାତ $1:\sqrt{3}$ ଅଟେ। ସେହି ସମୟରେ ସୂର୍ଯ୍ୟଙ୍କର ଉନ୍ନତି କେତେ ?

A. $15^0$

B. $30^0$

C. $45^0$

D. $60^0$

7. ଯଦି ପାଞ୍ଚଗୋଟି କ୍ରମିକ ପୂର୍ଣ୍ଣ ସଂଖ୍ୟାର ଗୁଣଫଳ ସେମାନଙ୍କ ମଧ୍ୟରୁ ଗୋଟିକ ସହ ସମାନ ହୁଏ, ତେବେ କେଉଁ ବୃହତ୍ତମ ପୂର୍ଣ୍ଣସଂଖ୍ୟା ସେମାନଙ୍କ ମଧ୍ୟରେ ରହିବା ସମ୍ଭବ ?

A. 1

B. 4

C. 6

D. 10

8. ଯଦି $2^{x+3}=32$ ହୁଏ, ତେବେ $3^{6-x}$ ର ମୂଲ୍ୟ କେତେ ?

A. 7

B. 9

C. 27

D. 81

9. 10 ଓ 200 ମଧ୍ୟରେ ଥିବା ପୂର୍ଣ୍ଣ ସଂଖ୍ୟାମାନଙ୍କ ମଧ୍ୟରେ କେତୋଟି ସଂଖ୍ୟା 7 ଦ୍ୱାରା ବିଭାଜ୍ୟ ?

A. 27

B. 25

C. 23

D. 21

10. ଯଦି $2x^2-7x-3=0$ ସମୀକରଣର ବୀଜଦ୍ୱୟ $\alpha$ ଓ $\beta$ ହୁଅନ୍ତି, ତେବେ $(\alpha+3)(\beta+3)$ ର ମାନ କେତେ ?

A. 10

B. 12

C. 15

D. 18

11. What is the H.C.F. of $x^3-x^2-4x-6$ and $x^2-2x-3$ ?

A. $x+1$

B. $x-1$

C. $x+3$

D. $x-3$

11. $x^3-x^2-4x-6$ ଓ $x^2-2x-3$ ର ଗ:ସା:ଗୁ: କେତେ ?

A. $x+1$

B. $x-1$

C. $x+3$

D. $x-3$

12. What value will be obtained on simplifying

$$\frac{1}{\sqrt{6}+\sqrt{5}}+\frac{1}{\sqrt{9}+\sqrt{8}}+\frac{1}{\sqrt{7}+\sqrt{6}}+\frac{1}{\sqrt{8}+\sqrt{7}}+\sqrt{5}\ ?$$

A. $3+\sqrt{5}$

B. $3-\sqrt{5}$

C. 3

D. $\sqrt{5}$

12. $\frac{1}{\sqrt{6}+\sqrt{5}}+\frac{1}{\sqrt{9}+\sqrt{8}}+\frac{1}{\sqrt{7}+\sqrt{6}}+\frac{1}{\sqrt{8}+\sqrt{7}}+\sqrt{5}$ କୁ ସରଳ କଲେ, କେତେ ମିଳିବ ?

A. $3+\sqrt{5}$

B. $3-\sqrt{5}$

C. 3

D. $\sqrt{5}$

13. If 'a' and 'b' are real numbers, for which of the following conditions $a^2+b^2$ reduces to zero ?

A. $a>0, b>0$

B. $a=0, b=0$

C. $a<0, b>0$

D. $a>0, b<0$

13. 'a' ଓ 'b' ବାସ୍ତବ ସଂଖ୍ୟା ହେଉଥିବା କ୍ଷେତ୍ରରେ, ନିମ୍ନସ୍ଥ କେଉଁ ସର୍ତ୍ତ ଲାଗି $a^2+b^2$ ର ମାନ ଶୂନ ହେବ ?

A. $a>0, b>0$

B. $a=0, b=0$

C. $a<0, b>0$

D. $a>0, b<0$

14. What should be subtracted from each one of 21,38,55 and 106, so that the results of subtractions will be proportional?

A. 4

B. $4\frac{1}{2}$

C. 6

D. $6\frac{1}{2}$

14. 21, 38, 55 ଓ 106 ପ୍ରତ୍ୟେକରୁ କେଉଁ ସଂଖ୍ୟା ବିୟୋଗ କଲେ, ବିୟୋଗଫଳ ଗୁଡ଼ିକ ସମାନୁପାତୀ ହେବେ ?

A. 4


B. $4\frac{1}{2}$

C. 6

D. $6\frac{1}{2}$

15. In the given figure, ABCD is a square in which M and N are the mid-points of the sides $\overline{AB}$ and $\overline{AD}$ respectively. How many square units is the area of MNDB quadrilateral, if each side of the square is 2 units long?

15. ଦତ୍ତ ଚିତ୍ରରେ ABCD ଏକ ବର୍ଗଚିତ୍ର । M ଓ N ଯଥାକ୍ରମେ $\overline{AB}$ ଓ $\overline{AD}$ ବାହୁଦ୍ୱୟର ମଧ୍ୟବିନ୍ଦୁ । ଯଦି ବର୍ଗକ୍ଷେତ୍ରର ପ୍ରତ୍ୟେକ ବାହୁର ଦୈର୍ଘ୍ୟ 2 ଏକକ ହୁଏ, ତେବେ MNDB ଚତୁର୍ଭୁଜର କ୍ଷେତ୍ରଫଳ କେତେ ବର୍ଗ ଏକକ ହେବ ?




A. 1.0
B. 1.5
C. 2.0
D. 2.5

A. 1.0
B. 1.5
C. 2.0
D. 2.5

16. The sum of the lengths of all the edges of a cube is 6 cm. Then what is the volume of the cube in cubic centimetre?

A. $\frac{1}{36}$
B. $\frac{1}{12}$
C. $\frac{1}{8}$
D. $\frac{1}{4}$

16. ଗୋଟିଏ ସମଘନର ଧାର ଗୁଡ଼ିକର ଦୈର୍ଘ୍ୟର ସମଷ୍ଟି 6 ସେ.ମି. । ତେବେ ଘନ ସେଣ୍ଟିମିଟର ଏକକରେ ସମଘନଟିର ଆୟତନ କେତେ ହେବ ?

A. $\frac{1}{36}$
B. $\frac{1}{12}$
C. $\frac{1}{8}$
D. $\frac{1}{4}$

17. If each of the length and breadth of a rectangle is increased by 100%, then what will be the percentage increase in its area?


A. 100
B. 200
C. 300
D. 400

17. ଯଦି ଗୋଟିଏ ଆୟତକ୍ଷେତ୍ରର ଦୈର୍ଘ୍ୟ ଓ ପ୍ରସ୍ଥ ପ୍ରତ୍ୟେକ 100% ବୃଦ୍ଧିପାଏ, ତେବେ ଏହାର କ୍ଷେତ୍ରଫଳର ଶତକଡ଼ା ବୃଦ୍ଧି କେତେ ହେବ ?

A. 100
B. 200
C. 300
D. 400

18. **In the given figure, $\overline{ST} \parallel \overline{PQ}$ and $\frac{PS}{PQ} = \frac{3}{5}$. If the area of $\Delta PST$ is 45 sqcm, then what is the area of the trapezium STRQ in sqcm unit?**

18. ଦତ୍ତଚିତ୍ରରେ, $\overline{ST} \parallel \overline{PQ}$ ଏବଂ $\frac{PS}{PQ} = \frac{3}{5}$ । $\Delta PST$ ର କ୍ଷେତ୍ରଫଳ 45 ବର୍ଗସେମି ହେଲେ, ଟ୍ରାପିଜିୟମ STRQର କ୍ଷେତ୍ରଫଳ କେତେ ବର୍ଗ ସେ.ମି. ହେବ ?





A. 60
B. 80
C. 100
D. 125

A. 60
B. 80
C. 100
D. 125

19. **In the given figure, 0 is the centre of the circle XYZ and $\overline{PQ}$ is the tangent at X. If $m\angle XYZ = 30^0$, what is the measure of $\angle PXY$?**


19. ଦତ୍ତ ଚିତ୍ରରେ ଥିବା XYZ ବୃତ୍ତର କେନ୍ଦ୍ର O ଏବଂ X ବିନ୍ଦୁରେ ପୂର୍ବୋକ୍ତ ବୃତ୍ତପ୍ରତି ସ୍ପର୍ଶକ ହେଉଛି $\overline{PQ}$ । $m\angle XYZ = 30^0$ ହେଲେ, $\angle PXY$ ର ପରିମାପ କେତେ ?




A. $30^0$
B. $45^0$
C. $60^0$
D. $90^0$

A. $30^0$
B. $45^0$
C. $60^0$
D. $90^0$

20. In the given figure, $\overline{AD}$ is a median of $\triangle ABC$. If AD=4 cm, BD=3 cm and AC=5 cm, then what is the area of $\triangle ABC$ in sqcm?




A. 9

B. 12

C. 15

D. 16

20. ଦତ୍ତ ଚିତ୍ରରେ, $\triangle ABC$ ର $\overline{AD}$ ଏକ ମଧ୍ୟମା । ଯଦି AD=4 ସେ.ମି., BD=3 ସେ.ମି. ଓ AC=5 ସେ.ମି. ହୁଏ, ତେବେ $\triangle ABC$ ର କ୍ଷେତ୍ରଫଳ କେତେ ବର୍ଗସେ.ମି. ?

A. 9

B. 12

C. 15

D. 16

21. If the density of water at $4^{\circ}C$ is 1 gm/cc in C.G.S. units; how much would it be in M.K.S. units?

A. 1 kg/cc

B. 1 $kg/m^3$

C. 100 $kg/m^3$

D. 1000 $kg/m^3$

21. $4^{\circ}C$ ତାପମାତ୍ରାରେ ଜଳର ସାନ୍ଦ୍ରତା C.G.S. ଏକକରେ 1 gm/cc ହେଲେ M.K.S. ଏକକରେ ଏହା କେତେ ହେବ ?

A. 1 kg/cc

B. 1 $kg/m^3$

C. 100 $kg/m^3$

D. 1000 $kg/m^3$

22. A car travels with a constant speed of 30 km/hr for 15 min. and then quickly speeds up to 50 km/hr to be maintained for 30 min. Then its average speed in km/hr would be;

A. 43.33 km/hr

B. 40 km/hr

C. 45 km/hr

D. 50 km/hr

22. ଏକ କାର୍ ଘଣ୍ଟା ପ୍ରତି 30 km ବେଗରେ 15 ମିନିଟ୍ ଗତି କଲାପରେ ଅତିଶୀଘ୍ର ତାର ବେଗକୁ ଘଣ୍ଟା ପ୍ରତି 50 km କୁ ବୃଦ୍ଧି କରି ସେହି ବେଗରେ 30 ମିନିଟ୍ ପର୍ଯ୍ୟନ୍ତ ଗତି କଲା । ତା'ହେଲେ କାର୍‌ଟିର ହାରାହାରି ବେଗ ଘଣ୍ଟା ପ୍ରତି କେତେ କିଲୋମିଟର ହେବ ?

A. 43.33 km/hr

B. 40 km/hr

C. 45 km/hr

D. 50 km/hr

23. **A bullet fired into a wall loses half of its initial speed after entering through 1cm into the wall. How far further can it move before coming to rest?**

A. 1/2 cm

B. 1/3 cm

C. 2/3 cm

D. 1 cm

24. **Train A of length 120m moving with a velocity 20 m/sec is about to cross another train B of length 130m, moving towards it from opposite direction with a speed of 30 m/sec. Then find the time duration during which the trains would cross each other.**

A. 36 sec.

B. 5 sec.

C. 38 sec.

D. 40 sec.

25. **A pump draws 1000kg of water per minute from a well 12m deep. Then the power of the pump in H.P. unit would be very nearly equal to___ (given $g=10\ m/s^2$)**

A. 2.0

B. 2.3

C. 2.63

D. 2.5

26. **A sound wave of frequency 1KHz takes 10/3 seconds to travel a distance of 1 km. Then its wavelength would be___**

A. 20 cm

B. 200 cm

C. 300 cm

D. 30 cm

23. ଏକ ପ୍ରାଚୀରକୁ ଲକ୍ଷ୍ୟ କରି ମରାଯାଇଥିବା ଏକ ବନ୍ଧୁକ ଗୁଳିଟି ପ୍ରାଚୀରର 1cm ଭେଦକରିବା ପରେ ତାହାର ବେଗ ପ୍ରାରମ୍ଭିକ ବେଗର ଅଧା ହୋଇଥିଲେ; ଗୁଳିଟି ଆଉ କେତେ ବାଟଯାଇ ଅଟକି ଯିବ ?

A. 1/2 cm

B. 1/3 cm

C. 2/3 cm

D. 1 cm

24. 120 ମିଟର ଦୈର୍ଘ୍ୟ ବିଶିଷ୍ଟ ଏକ ଟ୍ରେନ୍ 'A', 20 m/sec ବେଗରେ ଗତି କରୁଥିବାବେଳେ ବିପରୀତ ଦିଗରୁ 30 m/sec ବେଗରେ ଆସୁଥିବା 130 ମିଟର ଦୈର୍ଘ୍ୟର ଅନ୍ୟ ଏକ ଟ୍ରେନ୍ 'B' କୁ ଅତିକ୍ରମ କରିବାକୁ କେତେ ସମୟ ଲାଗିବ ?

A. 36 sec.

B. 5 sec.

C. 38 sec.

D. 40sec.

25. ଏକ ପମ୍ପ୍ 12 ମିଟର ଗଭୀରର ଏକ କୂଅରୁ ପ୍ରତି ମିନିଟ୍‌ରେ 1000 kg ର ପାଣି ଉଠାଇପାରେ। ତେବେ ପମ୍ପ୍‌ଟିର କାର୍ଯ୍ୟକାରୀ କ୍ଷମତା ଅଶ୍ୱଶକ୍ତି (H.P.) ଏକକରେ କେତେ ହେବ। ଏଠାରେ ($g=10\ m/s^2$)

A. 2.0

B. 2.3

C. 2.63

D. 2.5

26. ଏକ ଧ୍ୱନି ତରଙ୍ଗର ଆବୃତ୍ତି 1KHz ଅଟେ। 1 km ଦୂରତା ଅତିକ୍ରମ କରିବାକୁ ଯଦି ଏହାକୁ 10/3 ସେକେଣ୍ଡ ଲାଗେ, ତେବେ ଏହାର ତରଙ୍ଗ ଦୈର୍ଘ୍ୟ କେତେ ହେବ ?

A. 20 cm

B. 200 cm

C. 300 cm

D. 30 cm

27. **A body when floats in water; 1/3 rd of its volume remains outside water. When it floats in another liquid, 3/4th of its volume remains outside the liquid. Then the density of the liquid is;**

A. $\frac{9}{4}$ g/cc

B. $\frac{8}{3}$ g/cc

C. 4 g/cc

D. $\frac{3}{8}$ g/cc

28. **An object is placed on the 2F position of a convex lens. The magnification (m) produced by the lens is;**

A. m>1

B. m<1

C. m=1

D. None of these

29. **A bi-convex lens is split vertically into two equal parts so that two plano-convex lenses are formed. If the focal length of the bi-convex lens be 'f', then the focal length of each of the plano-convex lenses would be;**

A. f

B. f/2

C. 2f

D. ∞

30. **Which of the following statements is correct for a concave mirror?**

A. Always produces real image only

B. Always produces virtual image only

C. Can produce real and virtual images

D. Can not produce real image at all

27. ଏକ ବସ୍ତୁଟି ଜଳରେ ଭାସିଲାବେଳେ ଏହାର ଆୟତନର ଏକ ତୃତୀୟାଂଶ ଜଳ ଉପରକୁ ଥାଏ। କିନ୍ତୁ ଏହା ଅନ୍ୟ ଏକ ତରଳପଦାର୍ଥରେ ଭାସିଲାବେଳେ ଏହାର ଆୟତନର (3/4) ଭାଗ ତରଳ ପଦାର୍ଥ ଉପରକୁ ଥାଏ। ତେବେ ସେ ତରଳପଦାର୍ଥର ସାନ୍ଦ୍ରତା କେତେ ?

A. $\frac{9}{4}$ g/cc

B. $\frac{8}{3}$ g/cc

C. 4 g/cc

D. $\frac{3}{8}$ g/cc

28. ଏକ ଉତ୍ତଳ ଯବକାଚର 2F ସ୍ଥାନରେ ଏକ ବସ୍ତୁ ରଖାଗଲା। ଏହାର ପ୍ରତିବିମ୍ବ ପର୍ଯ୍ୟବେକ୍ଷଣରୁ ଏଠାରେ ହୋଇଥିବା ପରିବର୍ଦ୍ଧନ (m) ହେବ;

A. m>1

B. m<1

C. m=1

D. ଉପରୋକ୍ତ କେଉଁଟି ନୁହେଁ।

29. ଉଭୟ ପାର୍ଶ୍ୱ ସମଭାବରେ ଉତ୍ତଳ ଥିବା (bi-convex) ଏକ ଯବକାଚକୁ ଲମ୍ବ ଭାବରେ ସମାନ ଦୁଇଖଣ୍ଡ କରାଗଲା ଯଦ୍ୱାରା ଦୁଇଗୋଟି ଯବକାଚ ସୃଷ୍ଟିହେଲା। ଯାହାଙ୍କର ଏକ ପାଖ ସମତଳ ଓ ଅନ୍ୟପାଖଟି ଉତ୍ତଳ। ଯଦି ମୂଳ ଯବକାଚଟିର ଫୋକସ୍ ଦୂରତା 'f', ତେବେ ପ୍ରତ୍ୟେକ ନୂତନ ଯବକାଚର ଫୋକସ୍ ଦୂରତା ହେବ;

A. f

B. f/2

C. 2f

D. ∞

30. ଏକ ଅବତଳ(concave) ଦର୍ପଣ ପାଇଁ ନିମ୍ନୋକ୍ତ କେଉଁଟି ଠିକ୍।

A. ସର୍ବଦା କେବଳ ବାସ୍ତବ ପ୍ରତିବିମ୍ବ ସୃଷ୍ଟି କରେ।

B. ସର୍ବଦା କେବଳ ଆଭାସୀ ପ୍ରତିବିମ୍ବ ସୃଷ୍ଟି କରେ।

C. ଉଭୟ ବାସ୍ତବ ଏବଂ ଆଭାସୀ ପ୍ରତିବିମ୍ବ କରିପାରେ।

D. ଆଦୌ ବାସ୍ତବ ପ୍ରତିବିମ୍ବ କରିପାରେ ନାହିଁ।

31. An electric current of 5 amperes is divided into three branches, along three wires of same material with same cross-section but with their lengths in the proportion of 1:2:3. Then the current in the middle branch will be;

A. $\frac{30}{11}$ A

B. $\frac{10}{11}$ A

C. $\frac{15}{11}$ A

D. 2.5A

32. An 80watt lamp is connected to a 220 volt power supply. Its resistance is;

A. 1210Ω

B. 600Ω

C. 605Ω

D. 484Ω

33. Two resistances 10Ω and 3Ω are connected in parallel across a battery. If there is a current of 0.2A in the 10Ω resistor, the emf of the battery will be;

A. 2 volt

B. 2.2 volt

C. 1.8 volt

D. 2.6 volt

34. Which of the following has maximum number of molecules?

A. 7 grams nitrogen (g)

B. 23 grams nitrous oxide (g)

C. 2 grams Hydrogen (g)

D. 16 grams oxygen (g)

31. 5A ବିଦ୍ୟୁତ୍‌ସ୍ରୋତ ତିନିଗୋଟି ଧାରରେ ତିନୋଟି ଶାଖା ତାରରେ ବାଣ୍ଟି ହୋଇଗଲା । ଶାଖା ତାର ତିନୋଟି ସମାନ ବସ୍ତୁ ତଥା ସମାନ ପ୍ରସ୍ଥଚ୍ଛେଦର ହୋଇଥିଲାବେଳେ ସେମାନଙ୍କର ଦୈର୍ଘ୍ୟର ଅନୁପାତ 1:2:3. ତେବେ ମଝି ତାରଟିରେ ବିଦ୍ୟୁତ୍ ସ୍ରୋତର ପରିମାଣ ହେବ;

A. $\frac{30}{11}$ A

B. $\frac{10}{11}$ A

C. $\frac{15}{11}$ A

D. 2.5A

32. ଏକ 80 ୱାଟ୍ ବିଦ୍ୟୁତ୍ ବଲ୍‌ବ 220 volt ଉତ୍ସ ସହିତ ସଂଯୋଗ କରାଯାଇଛି । ବଲବ୍‌ଟିର ବିଦ୍ୟୁତ ପ୍ରତିରୋଧକ କେତେ ?

A. 1210Ω

B. 600Ω

C. 605Ω

D. 484Ω

33. 10Ω ଏବଂ 3Ω ବିଶିଷ୍ଟ ଦୁଇଗୋଟି ପ୍ରତିରୋଧକୁ ସମାନ୍ତର ଭାବେ ଏକ ବ୍ୟାଟେରୀ ସହିତ ସଂଯୋଗ କରାଯାଇଛି । ଯଦି 10Ω ତାରରେ 0.2A ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହୁଏ ତେବେ ବ୍ୟାଟେରୀର emf କେତେ ହେବ ?

A. 2 volt

B. 2.2 volt

C. 1.8 volt

D. 2.6 volt

34. ନିମ୍ନଲିଖିତ ମଧ୍ୟରୁ କେଉଁଟିରେ ଅଣୁସଂଖ୍ୟା ସର୍ବାଧିକ ?

A. 7 ଗ୍ରାମ୍ ଯବକ୍ଷାରଜାନ ଗ୍ୟାସ୍

B. 23 ଗ୍ରାମ୍ ନାଇଟ୍ରସ୍ ଅକ୍‌ସାଇଡ୍ ଗ୍ୟାସ୍

C. 2 ଗ୍ରାମ୍ ଉଦ୍‌ଜାନ ଗ୍ୟାସ୍

D. 16 ଗ୍ରାମ୍ ଅମ୍ଳଜାନ ଗ୍ୟାସ୍

35. **Which of the following pair is isoelectronic?**

A. $CO_2$ , $NO_2$

B. $NO_2$ , $CO_2$

C. $CO$ , $CN^-$

D. $SO_2$ , $CO_2$

36. **Which of the following is not an exothermic reaction?**

A. $CaCO_3 \rightarrow CaO + GO_2$

B. $CH_4 + 2O_2 \rightarrow CO_2 + 2H_2O$

C. $HCl + NaOH \rightarrow NaCl + H_2O$

D. $N_2 + 3H_2 \rightarrow 2NH_3$

37. **Select the incorrect statement.**

A. $C_3H_8$ does not have any isomer.

B. $HCOOCH_3$ and $CH_3COOH$ are not same Organic compounds

C. There is no organic compound with formula $CH_2O$

D. $C_3H_4$ has two $\pi$ - bonds

38. **What is the correct order of $P^H$ of aqueous solution of the following salts?**

A. $NaCl = Na_2CO_3 = NH_4Cl$

B. $NaCl < Na_2CO_3 < NH_4Cl$

C. $NH_4Cl < Na_2CO_3 < NaCl$

D. $NH_4Cl < NaCl < Na_2CO_3$

39. **Which of the following has oxygen atom in zero oxidation number?**

A. Hydrogen peroxide

B. Ozone

C. Water

D. Oxygen difluoride

35. ଏମାନଙ୍କ ମଧ୍ୟରୁ କେଉଁ ଯୋଡିଟି ସମଇଲେକ୍ଟ୍ରନ୍ ବିଶିଷ୍ଟ ?

A. $CO_2$ , $NO_2$

B. $NO_2$ , $CO_2$

C. $CO$ , $CN^-$

D. $SO_2$ , $CO_2$

36. କେଉଁ ରାସାୟନିକ ପ୍ରକ୍ରିୟାଟି ତାପ ଉତ୍ପାଦୀ ନୁହେଁ ?

A. $CaCO_3 \rightarrow CaO + CO_2$

B. $CH_4 + 2O_2 \rightarrow CO_2 + 2H_2O$

C. $HCl + NaOH \rightarrow NaCl + H_2O$

D. $N_2 + 3H_2 \rightarrow 2NH_3H_3$

37. ଭୁଲ୍ ଉକ୍ତିଟିକୁ ବାଛ ।

A. $C_3H_8$ ର କୌଣସି ସମାବୟବ ନାହିଁ

B. $HCOOCH_3$ ଏବଂ $CH_3COOH$ ଏକ ଜୈବିକ ଯୌଗିକର ସଂକେତ ନୁହେଁ .

C. $CH_2O$ ସଂକେତରେ କୌଣସି ଜୈବିକ ଯୌଗିକ ନାହିଁ

D. $C_3H_4$ ରେ ଦୁଇଟି $\pi$ -ବନ୍ଧ ଅଛି ।

38. ନିମ୍ନରେ ଥିବା ଲବଣ ଗୁଡ଼ିକର ଜଳୀୟ ଦ୍ରବଣର ସଠିକ୍ $P^H$ କ୍ରମ କେଉଁଟି ?

A. $NaCl = Na_2CO_3 = NH_4Cl$

B. $NaCl < Na_2CO_3 < NH_4Cl$

C. $NH_4Cl < Na_2CO_3 < NaCl$

D. $NH_4Cl < NaCl < Na_2CO_3$

39. ନିମ୍ନ ମଧ୍ୟରୁ କେଉଁଟିରେ ଅମ୍ଳଜାନ ପରମାଣୁର ଜାରଣ ସଂଖ୍ୟା ଶୂନ ?

A. ହାଇଡ୍ରୋଜେନ୍ ପେରକ୍ସାଇଡ୍

B. ଓଜୋନ

C. ଜଳ

D. ଅକ୍ସିଜେନ୍ ଡାଇଫ୍ଲୋରାଇଡ୍

**40. Which of the following shows addition reaction?**

A. $C_2H_6$

B. $C_3H_6$

C. $CH_4$

D. $C_3H_8$

**41. In order to prepare hard water from pure water which of the following salt may be added?**

A. $CaCl_2$

B. $MgCl_2$

C. $MgSO_4$

D. All of these

**42. Gases causing global warming are______**

A. $CO_2$, $CH_4$, $N_2$, $O_2$

B. $CO_2$, $CH_4$, water vapour

C. $CO_2$, $CH_4$, $N_2$, $O_2$ and water vapour

D. $CO_2$, CO, $CH_4$, $N_2$

**43. 'X' is a substance which is soluble in water and its aqueous solution turns red litmus blue and produces $H_2$ on reaction with zinc. It is prepared by electrolysis of NaCl (aq.). What is X?**

A. $HNO_3$

B. $NaClO_3$

C. NaOH

D. $NH_4OH$

**44. Place of gold in modern periodic table is______.**

A. s-block

B. p-block

C. d-block

D. f-block

40. ନିମ୍ନ ମଧ୍ୟରୁ କେଉଁ ଗୋଟିକ ଯୋଗ ପ୍ରତିକ୍ରିୟା କରିଥାଏ ?

A. $C_2H_6$

B. $C_3H_6$

C. $CH_4$

D. $C_3H_8$

41. ଶୁଦ୍ଧ ଜଳକୁ 'ଖରଜଳ'ରେ ପରିଣତ କରିବାପାଇଁ କେଉଁ ଲବଣ ବ୍ୟବହାର କରାଯାଇପାରେ ?

A. $CaCl_2$

B. $MgCl_2$

C. $MgSO_4$

D. ଏଗୁଡ଼ିକ ସବୁ।

42. ଜାଗତିକ ଉଷ୍ମତା ସୃଷ୍ଟି କରୁଥିବା ଗ୍ୟାସଗୁଡ଼ିକ ହେଲା ____

A. $CO_2$, $CH_4$, $N_2$, $O_2$

B. $CO_2$, $CH_4$, ଜଳୀୟ ବାଷ୍ପ

C. $CO_2$, $CH_4$, $N_2$, $O_2$ ଏବଂ ଜଳୀୟ ବାଷ୍ପ

D. $CO_2$, CO, $CH_4$, $N_2$

43. 'X' ଜଳରେ ଦ୍ରବଣୀୟ । ଏହାର ଜଳୀୟ ଦ୍ରବଣ ଲାଲ୍ ଲିଟମସ୍‌କୁ ନୀଳକରେ ଏବଂ zinc ସହିତ ପ୍ରତିକ୍ରିୟା କରି $H_2$ ଉତ୍ପନ୍ନ କରେ । ଏହା NaCl ର ଜଳୀୟ ଦ୍ରବଣକୁ ବିଦ୍ୟୁତ୍ ବିଶ୍ଳେଷଣ ପଦ୍ଧତିରେ ପ୍ରସ୍ତୁତ କରାଯାଏ। X ହେଉଛି ____

A. $HNO_3$

B. $NaClO_3$

C. NaOH

D. $NH_4OH$

44. ଆଧୁନିକ ପର୍ଯ୍ୟାୟ ସାରଣୀରେ ସୁନାର ସ୍ଥାନ ______.

A. s-block

B. p-block

C. d-block

D. f-block

45. Which of the following has the formula $KO_2$ ?

A. Potassium suboxide

B. Potassium peroxide

C. Potassium superoxide

D. Kalium oxide

45. $KO_2$ କେଉଁ ଯୌଗିକର ସଂକେତ ?

A. ପୋଟାସିୟମ୍ ସବ୍‌ଅକ୍ସାଇଡ୍

B. ପୋଟାସିୟମ୍ ପେରକ୍ସାଇଡ୍

C. ପୋଟାସିୟମ୍ ସୁପରଅକ୍ସାଇଡ୍

D. କ୍ୟାଲିୟମ୍ ଅକ୍ସାଇଡ୍ ।

46. IUPAC name of $CH_2=CH<^{CH_3}_{Br}$ is

A. 3–Bromo–3–methylprop–1–ene

B. 3–Bromobut–3–ene

C. 2–Bromobut–3–ene

D. 2–Bromoprop–1–ene

46. $CH_2=CH<^{CH_3}_{Br}$ ର IUPAC ନାମ କ'ଣ ?

A. 3–Bromo–3–methylprop–1–ene

B. 3–Bromobut–3–ene

C. 2–Bromobut–3–ene

D. 2–Bromoprop–1–ene

47. Which of the following organisms belongs to the kingdom monera?

A. Amoeba

B. Parameium

C. Mycoplasma

D. Diatom

47. ନିମ୍ନୋକ୍ତ କେଉଁ ଜୀବ ମୋନେରା ବର୍ଗ ଅନ୍ତର୍ଭୁକ୍ତ ?

A. ଏମିବା

B. ପାରାମିସିୟମ୍

C. ମାଇକୋପ୍ଲାଜମା

D. ଡାଇଆଟମ୍

48. What is the function of phloem parenchyma?

A. Growth

B. Cell division

C. Storage

D. Transport of food materials

48. ଫ୍ଲୋଏମ୍ ପାରେନ୍‌କାଇମା କେଉଁ କାର୍ଯ୍ୟ ସମ୍ପାଦନ କରେ ?

A. ବୃଦ୍ଧି

B. କୋଷ ବିଭାଜନ

C. ସଂରକ୍ଷଣ

D. ଖାଦ୍ୟ ପ୍ରେରଣ

49. Which of the following increases the water holding capacity of the soil?

A. Bloom

B. Clay

C. Humus

D. Sand

49. ନିମ୍ନୋକ୍ତ କେଉଁ ଉପାଦାନ ମୃତ୍ତିକାର ଜଳଧାରଣ କ୍ଷମତାକୁ ବୃଦ୍ଧି କରାଏ ?

A. ବ୍ଲୁମ୍

B. କାଦୁଅ

C. ହ୍ୟୁମସ୍

D. ବାଲୁକା

**50. Which of the following is not necessary for light reaction in photosynthesis.**

A. Light

B. Carbondioxide

C. Water

D. Chlorophyll

**51. In the absence of oxygen which product is formed from pyruvic acid in muscle cells?**

A. Ethanol

B. Carbondioxide and water

C. Lactic acid

D. Methyl alcohol

**52. Which of the following is not a parthenocarpic fruit?**

A. Banana

B. Apple

C. Orange

D. Mango

**53. Which revolution played important role in the production of new varities of food crops?**

A. White revolution

B. Red revolution

C. Green revolution

D. None of the above

**54. The intercellular space of which tissue is filled with lignin?**

A. Collenchyma

B. Parenchyma

C. Arenchyma

D. Schlerenchyma

**50. ଆଲୋକ ସଂଶ୍ଲେଷଣର ଆଲୋକ କ୍ରିୟା ନିମିତ୍ତ ନିମ୍ନଲିଖିତ କେଉଁଟି ଅନାବଶ୍ୟକ ?**

A. ଆଲୋକ

B. ଅଙ୍ଗାରକାମ୍ଳ

C. ଜଳ

D. ପତ୍ରହରିତ୍

**51. ଅମ୍ଳଜାନର ଅନୁପସ୍ଥିତିରେ ପାଇରୁଭିକ୍ ଅମ୍ଳରୁ ମାଂସପେଶୀ କୋଷରେ କେଉଁ ଉତ୍ପାଦ ତିଆରି ହୁଏ ?**

A. ଇଥାନଲ୍

B. ଅଙ୍ଗାରକାମ୍ଳ ଓ ଜଳ

C. ଲ୍ୟାକ୍ଟିକ୍ ଅମ୍ଳ

D. ମିଥାଇଲ୍ ଆଲ୍‌କୋହଲ୍

**52. ନିମ୍ନୋକ୍ତ ଫଳଗୁଡ଼ିକ ମଧ୍ୟରୁ କେଉଁଟି ଅସମାଯିତ ଫଳ ନୁହେଁ ?**

A. କଦଳୀ

B. ଆପଲ୍

C. କମଳା

D. ଆମ୍ବ

**53. ନୂତନ କିସମର ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ କେଉଁ ବିପ୍ଳବର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ?**

A. ଶ୍ୱେତ ବିପ୍ଳବ

B. ଲୋହିତ ବିପ୍ଳବ

C. ସବୁଜ ବିପ୍ଳବ

D. ଉପର ଲିଖିତ କେଉଁଟି ନୁହେଁ।

**54. କେଉଁ ଟିସୁର ଅନ୍ତଃକୋଷୀୟ ସ୍ଥାନ ଲିଗ୍ନିନ୍ ଦ୍ୱାରା ପରିପୂର୍ଣ୍ଣ ହୋଇଥାଏ ?**

A. କୋଲେନ୍‌କାଇମା

B. ପାରେନ୍‌କାଇମା

C. ଆରେନ୍‌କାଇମା

D. ସ୍କେଲେରେନ୍‌କାଇମା

55. **What is the phenotypic ratio of $F_2$ generation of Mendel's dihybrid cross?**

A. $(3:1)^2$

B. $(1:2:1)^2$

C. $(1:2:1)^3$

D. 3:1

56. **How many secondary spermatocytes are required to form 400 spermatozoa?**

A. 100

B. 200

C. 300

D. 400

57. **Which of the following hormone is the other name of LH?**

A. TSH

B. ICSH

C. ACTH

D. FSH

58. **Which vitamin is produced by <u>Escherichia coli</u> present in our intestine?**

A. $B_6$

B. $B_7$

C. $B_9$

D. $B_{12}$

59. **What is the name of the third ventricle of human brain?**

A. Diocoel

B. Rhombocoel

C. Rhinocoel

D. Paracoel

55. ମେଣ୍ଡେଲଙ୍କ ସ୍ୱାଧୀନ ଅପବ୍ୟୁହନ ଦ୍ୱିସଙ୍କରଣରେ $F_2$ ପିଢ଼ିରେ ଦୃଶ୍ୟମାନ ଅନୁପାତ କେତେ ?

A. $(3:1)^2$

B. $(1:2:1)^2$

C. $(1:2:1)^3$

D. 3:1

56. 400 ଶୁକ୍ରାଣୁ ଉତ୍ପନ୍ନ ହେବାପାଇଁ କେତୋଟି ଦ୍ୱିତୀୟକ ଶୁକ୍ରାଣୁ ଆବଶ୍ୟକ ?

A. 100

B. 200

C. 300

D. 400

57. ନିମ୍ନୋକ୍ତ ହରମୋନ୍‌ମାନଙ୍କ ମଧ୍ୟରୁ କେଉଁଟି LHର ଅନ୍ୟନାମ ?

A. TSH

B. ICSH

C. ACTH

D. FSH

58. ଆମ ଅନ୍ତନଳୀରେ ରହୁଥିବା <u>Escherichia coli</u> କେଉଁ ଭିଟାମିନ୍ ପ୍ରସ୍ତୁତ କରିଥାଏ ?

A. $B_6$

B. $B_7$

C. $B_9$

D. $B_{12}$

59. ମଣିଷ ମସ୍ତିଷ୍କର ତୃତୀୟ ନିଳୟର ନାମ କ'ଣ ?

A. ଡାଇଓସିଲ୍

B. ରୋମ୍ବୋସିଲ୍

C. ରାଇନୋସିଲ୍

D. ପାରାସିଲ୍

60. **Which of the following statement is not correct?**

A. Flow of energy is unidirectional

B. Lindeman postulated ten percent law

C. Manganese is a macronutrient

D. Protein is a macronutrient.

61. **Which of the following factor is a produced means of production?**

A. Land

B. Labour

C. Capital

D. Organisation

62. **In 2016 Human Development Report published by UNDP, India has been placed at______**

A. 130th position with 0.609 score

B. 135th position with 0.608 score

C. 131th position with 0.624 score

D. 132th position with 0.624 score

63. **Which of the following is not true with respect to Pradhan Mantri Jan Dhan Yojana?**

A. Zero balance account

B. Life coverage of Rs.30000/-

C. Accidental insurance of rupees one lakh

D. No interest on deposit

64. **Which of the following deposits with bank offers cheque facility?**

A. Time deposit

B. Recuring deposit

C. Demand deposit

D. None of the above

60. ନିମ୍ନୋକ୍ତ କେଉଁ ଉକ୍ତିଟି ଠିକ୍ ନୁହେଁ ?

A. ଶକ୍ତିର ପ୍ରବାହ ଏକମୁଖୀ

B. ଲିଣ୍ଡେମାନ୍ ଦଶ ପ୍ରତିଶତ ନିୟମପ୍ରଣୟନ କରିଥିଲେ

C. ମାଙ୍ଗାନିଜ୍ ଏକ ସ୍ଥୂଳ ପୋଷକ

D. ପୁଷ୍ଟିସାର ଏକ ସ୍ଥୂଳ ପୋଷକ

61. ନିମ୍ନଲିଖିତ ମଧ୍ୟରୁ ଉତ୍ପାଦନର କେଉଁ ସାଧନ ଉତ୍ପାଦନର ଉତ୍ପାଦିତ ମାଧ୍ୟମ ଅଟେ ।

A. ଭୂମି

B. ଶ୍ରମ

C. ପୁଞ୍ଜି

D. ସଂଗଠନ

62. UNDP ଦ୍ୱାରା ପ୍ରକାଶିତ 2016 ମାନବ ବିକାଶ ବିବରଣୀରେ ଭାରତର ସ୍ଥାନ ______

A. 130 ତମ ସ୍ଥାନ 0.609 ସ୍କୋର ସହ

B. 135 ତମ ସ୍ଥାନ 0.608 ସ୍କୋର ସହ

C. 131 ତମ ସ୍ଥାନ 0.624 ସ୍କୋର ସହ

D. 132 ତମ ସ୍ଥାନ 0.624 ସ୍କୋର ସହ

63. ନିମ୍ନୋକ୍ତ କେଉଁଟି ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ପାଇଁ ପ୍ରଯୁଜ୍ୟ ନୁହେଁ ?

A. ଶୂନ୍ୟ ଜମାଖାତା

B. 30000 ହଜାର ଟଙ୍କାର ଜୀବନବୀମା ରାଶି ଅମାନତ

C. ଏକଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ଅମାନତ .

D. ଜମାରାଶି ଉପରେ ସୁଧ ନଦେବା

64. ବ୍ୟାଙ୍କର ନିମ୍ନଲିଖିତ ଜମାଗୁଡ଼ିକ ମଧ୍ୟରୁ କେଉଁଟିରେ ଚେକ୍ ସୁବିଧା ରହିଥାଏ ?

A. ସ୍ଥାୟୀ ଜମା

B. ପୁନଃ ସଂଘଠିତ ଜମା

C. ଚାହିଦା ଜମା

D. ଉପରୋକ୍ତ ମଧ୍ୟରୁ କେଉଁଟି ନୁହେଁ ?

65. **GDP is the total volume of ____ product produced during an acounting year in a country.**

A. All goods and services

B. All final goods and services

C. All intermidiate goods and services

D. All intermidiate and final goods & services

66. **Public Distribution System means distribution of esential commodities to a large number of people through a network of fair-price shops on a recurring basis. The commodities distributed under the system are**

**(i) Wheat, (ii) Rice, (iii) Pulses, (iv) Sugar**

A. (i), (ii) and (iii)

B. (i), (ii) and (iv)

C. (ii), (iii) and (iv)

D. (i), (iii) and (iv)

67. **Consumer Protection Act, 1986 provides effective safeguards against different types of exploitations. These exploitations are in the form of**

**(i) Defective goods**

**(ii) Deficient services**

**(iii) Unfair trade practices**

**Which one is true?**

A. (i) and (ii)

B. (ii) and (iii)

C. (i), (ii) and (iii)

D. (i) only

୬୫. ଗୋଟିଏ ଦେଶରେ ଏକ ଗଣନା ବର୍ଷରେ ଉତ୍ପାଦିତ ହୋଇଥିବା ____ର ମୋଟ ମୂଲ୍ୟକୁ GDP କୁହାଯାଏ।

A. ସମସ୍ତ ଦ୍ରବ୍ୟ ଓ ସେବା

B. ସମସ୍ତ ଚୂଡ଼ାନ୍ତ ସେବା ଓ ଦ୍ରବ୍ୟ

C. ସମସ୍ତ ଅନ୍ତବର୍ତ୍ତୀ ଦ୍ରବ୍ୟ ଓ ସେବା

D. ସମସ୍ତ ଚୂଡ଼ାନ୍ତ ଓ ଅନ୍ତବର୍ତ୍ତୀ ଦ୍ରବ୍ୟ ଏବଂ ସେବା

୬୬. **ସରକାରୀ ବଣ୍ଟନ ବ୍ୟବସ୍ଥାର ଅର୍ଥ ସୁଲଭ ମୂଲ୍ୟ ଦୋକାନମାନଙ୍କର ନେଟୱାର୍କ ମାଧ୍ୟମରେ ଆବର୍ତ୍ତନ ଆଧାରରେ ବହୁସଂଖ୍ୟକ ଜନସାଧାରଣଙ୍କୁ ଅତ୍ୟାବଶ୍ୟକ ଦ୍ରବ୍ୟଗୁଡ଼ିକର ବଣ୍ଟନ କରିବା। ଏହି ବଣ୍ଟନ ବ୍ୟବସ୍ଥା ଅନ୍ତର୍ଗତ ଦ୍ରବ୍ୟଗୁଡ଼ିକ ହେଲା**

**(i) ଗହମ, (ii) ଚାଉଳ, (iii) ଡାଲି, (iv) ଚିନି**

A. (i), (ii) ଓ (iii)

B. (i), (ii) ଓ (iv)

C. (ii), (iii) ଓ (iv)

D. (i), (iii) ଓ (iv)

67. **1986 ଖାଉଟି ସୁରକ୍ଷା ଅଧିନିୟମ ବିଭିନ୍ନ ପ୍ରକାର ଶୋଷଣ ବିରୁଦ୍ଧରେ ଫଳପ୍ରଦ ସୁରକ୍ଷାମାନ ଯୋଗାଇ ଦେଉଛନ୍ତି। ସେହି ଶୋଷଣଗୁଡ଼ିକର ରୂପ ହେଉଛି:**

**(i) ତ୍ରୁଟିପୂର୍ଣ୍ଣ ଦ୍ରବ୍ୟ**

**(ii) କମ୍ ସେବା**

**(iii) ଅସାଧୁ ବେପାର ଅଭ୍ୟାସ**

**ଏଥିମଧ୍ୟରୁ କେଉଁଟି ଠିକ୍ ?**

A. (i) ଓ (ii)

B. (ii) ଓ (iii)

C. (i), (ii) ଓ (iii)

D. କେବଳ (i)

68. **Which of the following statement is true for NITI Ayog?**

(i) **It will work as a Think Tank**

(ii) **It will allocate funds to the Central and State Government.**

(iii) **It will promote co-operative federalism**

(iv) **It will expedite emplementation of key projects / schemes**

A. (i) and (ii)

B. (ii) and (iii)

C. (iii) and (iv)

(ii), (iii) and (iv)

69. **Arrange the following four planets according to their increasing distance from the sun:**

**1. Venus, 2. Mars, 3. Earth, 4. Mercury**

A. 1, 2, 3, 4

B. 4, 1, 3, 2

C. 2, 3, 4, 1

D. 2, 4, 3, 1

70. **Which one of the following volcanoes is situated in Mexico?**

A. Etna

B. Semeru

C. Colima

D. Purace

71. **Which country is known as "the Land of thousand Lakes"?**

A. Ireland

B. Finland

C. Scottland

D. Switzer Land

68. ନିମ୍ନୋକ୍ତ ଉକ୍ତି ମଧ୍ୟରୁ କେଉଁଟି ନିତି ଆୟୋଗ ସକାଶେ ପ୍ରଯୁଜ୍ୟ ?

(i) ଏହା ଏକ ଚିନ୍ତନମଣ୍ଡଳି ଭାବେ କାର୍ଯ୍ୟ କରିବ

(ii) ଏହା କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅର୍ଥ ବଣ୍ଟନ କରିବ

(iii) ଏହା ସମବାୟ ସଂଘୀୟ ବ୍ୟବସ୍ଥାର ସଂବର୍ଦ୍ଧନ କରିବ

(iv) ଏହା ପ୍ରମୁଖ ପ୍ରକଳ୍ପ / ପରିଯୋଜନା ଗୁଡ଼ିକର କାର୍ଯ୍ୟାନ୍ୱୟନ ତ୍ୱରିତ କରିବ

A. (i) ଓ (ii)

B. (ii) ଓ (iii)

C. (iii) ଓ (iv)

D. (ii), (iii) ଓ (iv)

69. ସୂର୍ଯ୍ୟଠାରୁ ଦୂରତ୍ୱ ବୃଦ୍ଧି ଅନୁସାରେ ନିମ୍ନୋକ୍ତ ଚାରିଗୋଟି ଗ୍ରହକୁ ସଜାଅ :

1. ଶୁକ୍ର, 2. ମଙ୍ଗଳ, 3. ପୃଥିବୀ, 4. ବୁଧ

A. 1, 2, 3, 4

B. 4, 1, 3, 2

C. 2, 3, 4, 1

D. 2, 4, 3, 1

70. ନିମ୍ନୋକ୍ତ ଜ୍ୱାଳାମୁଖୀଗୁଡ଼ିକ ମଧ୍ୟରୁ କେଉଁଟି ମେକ୍ସିକୋରେ ଅବସ୍ଥିତ ?

A. ଏଟ୍ନା

B. ସେମେରୁ

C. କୋଲିମା

D. ପ୍ୟୁରେସ୍

71. କେଉଁ ଦେଶକୁ "ସହସ୍ର ହ୍ରଦର ଦେଶ" ବୋଲି କୁହାଯାଏ ?

A. ଆୟାରଲ୍ୟାଣ୍ଡ

B. ଫିନଲ୍ୟାଣ୍ଡ

C. ସ୍କଟଲ୍ୟାଣ୍ଡ

D. ସୁଇଜରଲ୍ୟାଣ୍ଡ

72. **On which river Kariba dam is located?**

A. Hudson River

B. Niger River

C. Zambazi River

D. Nile River

73. **Between which of the two islands the Sunda Strait is situated?**

A. Java and Sumatra

B. Java and Borneo

C. Sumatra and Borneo

D. Little Andaman and Carl Nicobar

74. **The Gulf of Mannar is located in the :**

A. Bay of Bengal

B. Arabian Sea

C. Gulf of Khombat

D. Andaman Sea

75. **By which of the following rivers the lands of Punjab and Haryana are irrigated?**

A. Jhelum, Beas, Sutlej

B. Ravi, Yamuna, Sutlej

C. Ravi, Beas, Sutlej

D. Jhelum, Beas, Ravi

76. **Which of the following pairs is correctly matched?**

A. Durand Line - India and Myanmar

B. Radcliff Line - India and Pakistan

C. Mc Mohan Line - India and Nepal

D. Markat Line - India and Afghanistan

72. କାରିବା ନଦୀବନ୍ଧ କେଉଁ ନଦୀ ଉପରେ ଅବସ୍ଥିତ ?

A. ହଡ୍‌ସନ୍ ନଦୀ

B. ନାଇଜର ନଦୀ

C. ଜାମ୍ବେଜୀ ନଦୀ

D. ନୀଳ ନଦୀ

73. ସୁଣ୍ଡା ପ୍ରଣାଳୀ କେଉଁ ଦୁଇଟି ଦ୍ୱୀପ ମଧ୍ୟରେ ଅବସ୍ଥିତ ?

A. ଜାଭା ଏବଂ ସୁମାତ୍ରା

B. ଜାଭା ଏବଂ ବୋର୍ଣ୍ଣିଓ

C. ସୁମାତ୍ରା ଏବଂ ବୋର୍ଣ୍ଣିଓ

D. କ୍ଷୁଦ୍ର ଆଣ୍ଡାମାନ ଓ କାର୍ଲ ନିକୋବର

74. ମାନ୍ନାର ଉପସାଗର କେଉଁଠାରେ ଅବସ୍ଥିତ ?

A. ବଙ୍ଗୋପସାଗର

B. ଆରବସାଗର

C. ଖମ୍ବାତ୍ ଉପସାଗର

D. ଆଣ୍ଡାମାନ ସାଗର

75. ପଞ୍ଜାବ ଓ ହରିୟାଣାର ଜମି ନିମ୍ନୋକ୍ତ କେଉଁ ନଦୀଗୁଡ଼ିକ ଦ୍ୱାରା ଜଳସେଚିତ ହୋଇଥାଏ ?

A. ଝେଲମ୍, ବେଆସ, ସଟ୍‌ଲେଜ୍,

B. ରାବି, ଯମୁନା, ସଟ୍‌ଲେଜ୍,

C. ରାବି, ବେଆସ, ସଟ୍‌ଲେଜ୍,

D. ଝେଲମ୍, ବେଆସ୍, ରାବି

76. ନିମ୍ନୋକ୍ତ କେଉଁ ଯୋଡ଼ିଟି ଠିକ୍‌ଭାବରେ ଯୋଡ଼ାଯାଇଛି ?

A. ଡୁରାଣ୍ଡ ରେଖା - ଭାରତ ଓ ମିଆଁମାର

B. ରାଡ୍‌କ୍ଲିଫ ରେଖା - ଭାରତ ଓ ପାକିସ୍ଥାନ

C. ମ୍ୟାକ୍ ମୋହନ ରେଖା - ଭାରତ ଓ ନେପାଳ

D. ମାର୍କଟ୍ ରେଖା - ଭାରତ ଓ ଆଫଗାନିସ୍ଥାନ

77. **Which of the following two islands are volcanic islands?**

A. Kavaratti and New Moor

B. Kavaratti and Bitra

C. Pamban and Barren

D. Barren and Narcondam

78. **Balladila is famous for:**

A. Bauxite

B. Coal

C. Iron Ore

D. Copper

79. **What is Obra?**

A. Atomic Power Plant in Rajasthan

B. Thermal Power Plant in Uttar Pradesh

C. Atomic Power Plant in Kalpakkam

D. Hydro-electric Project in uttar Pradesh

80. **Which one of the following pairs is not correct?**

A. Kanha National Park - Madhya Pradesh

B. Bandipur National Park - Karnataka

C. Ranthambore National Park - Gujurat

D. Sultanpur National Park - Haryana

81. **Why is the year 1789 famous in the history of the world?**

A. Outbreak of the French Revolution

B. Outbreak of the Russian Revolution

C. Outbreak of the American war of Independence

D. Outbreak of the Industrial Revolution

77. ନିମ୍ନୋକ୍ତ କେଉଁ ଦୁଇଟି ଦ୍ୱୀପ ଜ୍ୱାଳାମୁଖୀୟ ଦ୍ୱୀପ ?

A. କାଭାରତ୍ତୀ ଓ ନିଉମୁର

B. କାଭାରତ୍ତୀ ଓ ବିତ୍ରା

C. ପମ୍ବାନ ଓ ବ୍ୟାରେନ୍

D. ବ୍ୟାରେନ୍ ଓ ନାର୍‌କୋଣ୍ଡାମ୍

78. ବୈଲାଡିଲା କ'ଣ ପାଇଁ ପ୍ରସିଦ୍ଧ ?

A. ବକ୍‌ସାଇଟ୍

B. କୋଇଲା

C. ଲୁହାପଥର

D. ତମ୍ବା

79. ଓବ୍ରା କଣ ?

A. ରାଜସ୍ଥାନର ଆଣବିକ ଶକ୍ତିକେନ୍ଦ୍ର

B. ଉତ୍ତରପ୍ରଦେଶର ତାପଜ ଶକ୍ତି କେନ୍ଦ୍ର

C. କଳ୍ପକମ୍‌ର ଆଣବିକ ଶକ୍ତିକେନ୍ଦ୍ର

D. ଉତ୍ତରପ୍ରଦେଶର ଜଳବିଦ୍ୟୁତ ଯୋଜନା

80. ନିମ୍ନୋକ୍ତ କେଉଁ ଯୋଡ଼ିଟି ଠିକ୍ ନୁହେଁ ?

A. କାହ୍ନା ଜାତୀୟ ଉଦ୍ୟାନ - ମଧ୍ୟପ୍ରଦେଶ

B. ବାନ୍ଦୀପୁର ଜାତୀୟ ଉଦ୍ୟାନ - କର୍ଣ୍ଣାଟକ

C. ରଣଥମ୍ବୋର ଜାତୀୟଉଦ୍ୟାନ - ଗୁଜୁରାଟ

D. ସୁଲ୍‌ତାନ୍‌ପୁର ଜାତୀୟଉଦ୍ୟାନ - ହରିୟାଣା

81. 1789 ମସିହା ପୃଥିବୀ ଇତିହାସରେ କାହିଁକି ପ୍ରସିଦ୍ଧ ?

A. ଫରାସୀ ବିପ୍ଳବ ଘଟିଥିଲା

B. ରୁଷ୍ ବିପ୍ଳବ ଘଟିଥିଲା

C. ଆମେରିକୀୟ ସ୍ୱାଧୀନତା ସଂଗ୍ରାମ ଘଟିଥିଲା

D. ଶିଳ୍ପ ବିପ୍ଳବ ଘଟିଥିଲା ।

82. **Who had published the Communist Manifesto?**

A. Czar Alexander II

B. Leo Tolstoy

C. Maxim Gorkey

D. Karl Marx and Friederich Engels

82. କମ୍ୟୁନିଷ୍ଟ ମାନିଫେଷ୍ଟୋ କିଏ ପ୍ରକାଶ କରିଥିଲେ ?

A. ଜାର ଦ୍ୱିତୀୟ ଆଲେକ୍‌ଜାଣ୍ଡାର

B. ଲିଓ ଟଲଷ୍ଟୟ

C. ମାକ୍ସିମ୍ ଗୋର୍କୀ

D. କାର୍ଲ ମାର୍କସ ଓ ଫ୍ରେଡେରିକ୍ ଏଙ୍ଗେଲସ୍ ।

83. **Who had led the 1917 October Revolution in Russia?**

A. Rasputin

B. Lenin

C. Stalin

D. Karl Marx

83. ରୁଷିଆର 1917 ଅକ୍ଟୋବର ବିପ୍ଳବର ନେତୃତ୍ୱ କିଏ ନେଇଥିଲେ ?

A. ରାସ୍‌ପୁଟିନ୍

B. ଲେନିନ୍

C. ଷ୍ଟାଲିନ୍

D. କାର୍ଲ ମାର୍କସ୍

84. **Which European country had dominated the colonisation of Vietnam?**

A. Holland

B. Spain

C. France

D. Portugal

84. କେଉଁ ଇଉରୋପୀୟ ଦେଶ ଭିଏତ୍‌ନାମରେ ଉପନିବେଶ ସ୍ଥାପନ କ୍ଷେତ୍ରରେ ପ୍ରଭାବ ବିସ୍ତାର କରିଥିଲା ?

A. ହଲାଣ୍ଡ

B. ସ୍ପେନ୍

C. ଫ୍ରାନ୍ସ

D. ପର୍ତ୍ତୁଗାଲ

85. **How was the impact of the First World War on the European economy during 1930's described?**

A. The Great Economic Recovery

B. The Great Economic Depression

C. The Great Economic Stability

D. The Great opportunity for Economic progress

85. 1930 ମସିହା ବେଳକୁ ପ୍ରଥମ ବିଶ୍ୱଯୁଦ୍ଧର ଇଉରୋପୀୟ ଅର୍ଥନୀତି ଉପରେ ପ୍ରଭାବକୁ କିପରି ବର୍ଣ୍ଣନା କରାଯାଇଥିଲା ?

A. ବୃହତ୍ ଆର୍ଥିକ ଅଭ୍ୟୁଦୟ

B. ଉତ୍କଟ ଆର୍ଥିକ ସଙ୍କଟ

C. ସଫଳ ଆର୍ଥିକ ସ୍ଥିରତା

D. ଆର୍ଥିକ ବିକାଶ ପାଇଁ ବଡ ସୁଯୋଗ

86. **Who is the author of the book 'Mein Kampf'?**

A. Hitler

B. Mussolini

C. Napoleon

D. Lenin

86. "ମେଁ କାମ୍ପଂ" (ମୋର ସଂଘର୍ଷ) ପୁସ୍ତକର ରଚୟିତା କିଏ ?

A. ହିଟଲର

B. ମୁସୋଲିନୀ

C. ନେପୋଲିୟନ

D. ଲେନିନ୍

87. **In which session of the Indian National Congress was the 'Purna Swaraj' resoluton passed?**

A. Karachi Session

B. Lahore Session

C. Madras Session

D. Bombay Session

88. **Which of the following answer options is written in correct chronological order of the given events?**

A. First Round Table Conference, Simon Commission, Non-Cooperation Movement, Rowlatt Act

B. Simon Commission, Rowlatt act, First Round Table Conference, Non-Cooperation Movement

C. Non-Cooperation Movement, Simon Commission, First Round Table Conference, Rowlatt act

D. Rowlatt act, Non-Cooperation Movement, Simon Commission, First Round Table Conference

89. **Who has written 'Gita Govinda'?**

A. Upendra Bhanja

B. Jagannath Das

C. Jayadeva

D. Sarala Das

90. **When did Germany surrender to the Allies in the World War II?**

A. September, 1943

B. May, 1945

C. August, 1945

D. December, 1946

91. **When did Mahatma Gandhi return to India from South Africa?**

A. 1914

B. 1915

C. 1916

D. 1917

87. **ଭାରତୀୟ ଜାତୀୟ କଂଗ୍ରେସର କେଉଁ ଅଧିବେଶନରେ 'ପୂର୍ଣ୍ଣସ୍ୱରାଜ' ପ୍ରସ୍ତାବ ଗୃହୀତ ହୋଇଥିଲା ?**

A. କରାଚୀ ଅଧିବେଶନ

B. ଲାହୋର ଅଧିବେଶନ

C. ମାଦ୍ରାଜ ଅଧିବେଶନ

D. ବମ୍ବେ ଅଧିବେଶନ

88. **ନିମ୍ନଲିଖିତ ଉତ୍ତର ବିକଳ୍ପ ଭିତରୁ କେଉଁଟିରେ ଦିଆଯାଇଥିବା ଘଟଣାଗୁଡ଼ିକ ସଠିକ୍ ସମୟାନୁକ୍ରମେ ଲେଖାଯାଇଛି ?**

A. ପ୍ରଥମ ଗୋଲଟେବୁଲ ବୈଠକ, ସାଇମନ କମିଶନ, ଅସହଯୋଗ ଆନ୍ଦୋଳନ, ରାଓଲାଟ୍ ଆଇନ୍ ।

B. ସାଇମନ୍ କମିଶନ୍ , ରାଓଲଟ୍ ଆଇନ, ପ୍ରଥମ ଗୋଲ ଟେବୁଲ ବୈଠକ, ଅସହଯୋଗ ଆନ୍ଦୋଳନ ।

C. ଅସହଯୋଗ ଆନ୍ଦୋଳନ, ସାଇମନ୍ କମିଶନ, ପ୍ରଥମ ଗୋଲ ଟେବୁଲ ବୈଠକ, ରାଓ ଲାଟ୍ ଆଇନ୍

D. ରାଓଲାଟ୍ ଆଇନ୍ , ଅସହଯୋଗ ଆନ୍ଦୋଳନ, ସାଇମନ କମିଶନ, ପ୍ରଥମ ଗୋଲଟେବୁଲ ବୈଠକ ।

89. **'ଗୀତଗୋବିନ୍ଦ'ର ରଚୟିତା କିଏ ?**

A. ଉପେନ୍ଦ୍ର ଭଞ୍ଜ

B. ଜଗନ୍ନାଥ ଦାସ

C. ଜୟଦେବ

D. ସାରଳା ଦାସ

90. **ଦ୍ୱିତୀୟ ବିଶ୍ୱଯୁଦ୍ଧରେ କେବେ ଜର୍ମାନୀ ମିତ୍ରଶକ୍ତି ପାଖରେ ଆତ୍ମସମର୍ପଣ କରିଥିଲା ?**

A. ସେପ୍ଟେମ୍ବର, 1943

B. ମେ, 1945

C. ଅଗଷ୍ଟ, 1945

D. ଡିସେମ୍ବର, 1946

91. **ମହାତ୍ମାଗାନ୍ଧୀ କେବେ ଦକ୍ଷିଣ ଆଫ୍ରିକାରୁ ଭାରତକୁ ଫେରିଥିଲେ ?**

A. 1914

B. 1915

C. 1916

D. 1917

92. **Which one of the following statements is not true?**

A. Raja Ram Mohan Roy was a king

B. Raja Ram Mohan Roy was the founder of the Brahmo Samaj

C. Raja Ram Mohan Roy was a socio-religious reformer

D. Raja Ram Mohan Roy supported the abolition of the practice of sati.

93. **Who accords recognition to a newly formed Political Party?**

A. The President

B. The Parliamnet

C. Election Commission of India

D. The Prime Minister

94. **Which of the following added the 'Fundamental Duties' to our constitution?**

A. 44th Amendment

B. 73rd Amendement

C. 86th Amendment

D. 42nd Amendment

95. **By whom the Vice President of India is elected?**

A. Elected members of Parliament

B. All members of Parliament

C. Members of Rajya Sabha

D. Elected members of State Legislative Assemblies

96. **Which of the following mentions "Directive principles of State policy"?**

A. Articles 3 to 11

B. Articles 12 to 35

C. Articles 36 to 51

D. Articles 19 to 27

**92. ନିମ୍ନ ପ୍ରଦତ୍ତ ବିବରଣୀମାନଙ୍କ ଭିତରୁ କେଉଁ ଗୋଟିକ ସତ ନୁହେଁ ।**

A. ରାଜା ରାମମୋହନ ରାୟ ଜଣେ ରାଜା ଥିଲେ

B. ରାଜା ରାମମୋହନ ରାୟ ବ୍ରାହ୍ମ ସମାଜର ପ୍ରତିଷ୍ଠାତା ଥିଲେ

C. ରାଜା ରାମମୋହନ ରାୟ ଜଣେ ଧର୍ମ ଓ ସମାଜ ସଂସ୍କାରକ ଥିଲେ

D. ରାଜା ରାମମୋହନ ରାୟ ସତୀ ପ୍ରଥା ଉଚ୍ଛେଦକୁ ସମର୍ଥନ କରିଥିଲେ

**93. ନୂଆ ହୋଇ ଗଢ଼ା ହୋଇଥିବା ରାଜନୀତିକ ଦଳକୁ କିଏ ସ୍ୱୀକୃତି ପ୍ରଦାନ କରନ୍ତି ?**

A. ରାଷ୍ଟ୍ରପତି

B. ସଂସଦ

C. ଭାରତର ନିର୍ବାଚନ ଆୟୋଗ

D. ପ୍ରଧାନମନ୍ତ୍ରୀ

**94. ନିମ୍ନୋକ୍ତ କେଉଁଟି 'ମୌଳିକ କର୍ତ୍ତବ୍ୟ ଗୁଡିକୁ' ସମ୍ବିଧାନର ଅନ୍ତର୍ଭୁକ୍ତ କରିଥିଲା ?**

A. 44 ତମ ସଂଶୋଧନ

B. 73 ତମ ସଂଶୋଧନ

C. 86 ତମ ସଂଶୋଧନ

D. 42 ତମ ସଂଶୋଧନ

**95. କେଉଁମାନଙ୍କ ଦ୍ୱାରା ଭାରତର ଉପରାଷ୍ଟ୍ରପତି ନିର୍ବାଚିତ ହୁଅନ୍ତି ?**

A. ସଂସଦର ନିର୍ବାଚିତ ସଭ୍ୟ

B. ସଂସଦର ସମସ୍ତ ସଭ୍ୟ

C. ରାଜ୍ୟସଭାର ସଭ୍ୟ

D. ରାଜ୍ୟ ବିଧାନ ସଭାମାନଙ୍କରେ ନିର୍ବାଚିତ ସଭ୍ୟ

**96. ନିମ୍ନୋକ୍ତ କେଉଁ ଧାରାଗୁଡ଼ିକ ରାଷ୍ଟ୍ରନୀତି ନିୟାମକଗୁଡିକ ଦର୍ଶାଉଛନ୍ତି ?**

A. ଧାରା 3 ରୁ 11

B. ଧାରା 12 ରୁ 35

C. ଧାରା 36 ରୁ 51

D. ଧାରା 19 ରୁ 27

97. **Which of the following is a challenge to National Integration?**

A. Federalism

B. Regionalism

C. Democracy

D. Social Justice

**98. Which of the following is a National Political Party?**

A. Bahaujan Samaj Party

B. Rastriya Janata Dal

C. Trinamool Congres

D. Biju Janata Dal

99. **When was the " Financial Emergency" declared in India?**

A. 1975

B. 1985

C. 1995

D. Never

**100. From which of the following countries the concept of "Independence of Judiciary" has been borrowed by India?**

A. England

B. Canada

C. Switzerland

D. America

**97.** ନିମ୍ନୋକ୍ତ ମଧ୍ୟରୁ କେଉଁଟି ଜାତୀୟ ସଂହତି ପ୍ରତି ଏକ ଆହ୍ୱାନ ?

A. ସଂଘୀୟ ବାଦ

B. ଆଞ୍ଚଳିକ ବାଦ

C. ଗଣତନ୍ତ୍ର

D. ସାମାଜିକ ନ୍ୟାୟ

**98.** ନିମ୍ନୋକ୍ତ କେଉଁଟି ଏକ ଜାତୀୟ ରାଜନୀତିକ ଦଳ ?

A. ବହୁଜନ ସମାଜପାର୍ଟି

B. ରାଷ୍ଟ୍ରୀୟ ଜନତାଦଳ

C. ତୃଣମୂଳ କଂଗ୍ରେସ

D. ବିଜୁଜନତା ଦଳ

**99.** ଭାରତରେ କେବେ 'ଆର୍ଥିକ ଜରୁରୀ ପରିସ୍ଥିତି' ଘୋଷଣା କରାଯାଇଥିଲା ?

A. 1975

B. 1985

C. 1995

D. କେବେ ହୋଇନାହିଁ

**100.** କେଉଁ ଦେଶରୁ 'ନ୍ୟାୟପାଳିକାର ସ୍ୱାଧୀନତା' ଧାରଣା ଭାରତ ଆଣିଅଛି ।

A. ଇଂଲଣ୍ଡ

B. କାନାଡା

C. ସୁଇଜରଲାଣ୍ଡ

D. ଆମେରିକା

—**—

# SAT_SET-C

| Sl. No. | Answer | Sl. No. | Answer | Sl. No. | Answer | Sl. No. | Answer | Sl. No. | Answer | Sl. No. | Answer | Sl. No. | Answer | Sl. No. | Answer | Sl. No. | Answer | Sl. No. | Answer |
|---|---|---|---|---|---|---|---|---|---|---|---|---|---|---|---|---|---|---|---|
| 1 | A | 11 | D | 21 | D | 31 | C | 41 | D | 51 | C | 61 | C | 71 | B | 81 | A | 91 | B |
| 2 | B | 12 | C | 22 | A | 32 | C | 42 | B | 52 | D | 62 | C | 72 | C | 82 | D | 92 | A |
| 3 | C | 13 | B | 23 | B | 33 | A | 43 | C | 53 | C | 63 | D | 73 | A | 83 | B | 93 | C |
| 4 | D | 14 | A | 24 | B | 34 | C | 44 | C | 54 | D | 64 | C | 74 | A | 84 | C | 94 | D |
| 5 | A | 15 | B | 25 | C | 35 | C | 45 | C | 55 | A | 65 | B | 75 | B | 85 | B | 95 | B |
| 6 | B | 16 | C | 26 | D | 36 | A | 46 | D | 56 | B | 66 | B | 76 | B | 86 | A | 96 | C |
| 7 | B | 17 | C | 27 | B | 37 | C | 47 | C | 57 | B | 67 | C | 77 | D | 87 | B | 97 | B |
| 8 | D | 18 | B | 28 | C | 38 | D | 48 | C | 58 | D | 68 | No Correct Option | 78 | C | 88 | D | 98 | A/C |
| 9 | A | 19 | C | 29 | C | 39 | B | 49 | C | 59 | A | 69 | B | 79 | B | 89 | C | 99 | D |
| 10 | D | 20 | B | 30 | C | 40 | B | 50 | B | 60 | C | 70 | C | 80 | C | 90 | B | 100 | D |